# ଆଜି ଅନୁଗୋଳ ଜିଲ୍ଲାରୁ ୧ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ୪୪୫୧୭ରେ ପହଞ୍ଚିଲା ।

ଅନୁଗୋଳ,ତା.୦୪.୦୧:- ଆଜି ଅନୁଗୋଳ ଜିଲ୍ଲାରେ ୧ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବାର ଜଣାପଡିଛି । ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ କିଶୋରନଗର ବ୍ଲକ୍ ଅଂଚଳରୁ ୧ଜଣ ( ୧ଜଣ ପୁରୁଷ ) ଅଛନ୍ତି । ଲକ୍ଷଣଯୁକ୍ତ ଆକ୍ରାନ୍ତଂକୁ ନିଜ ଘରେ Isolation ରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୩୯୮ ଜଣ ମୃତ୍ୟୁବରଣ କଲେଣି । ଆଜି ସୁଦ୍ଧା ୧୪ଲକ୍ଷ ୪୦ହଜାର ୭୪୨ଜଣଙ୍କୁ ଟିକା ଦିଆଗଲାଣି ।

ସେହିପରି ଆଜି ଜିଲ୍ଲାରେ ୧୫ ରୁ ୧୮ ବର୍ଷ କିଶୋର କିଶୋରୀମାନଂକ ପାଇଁ ୫ ହଜାର ଟୀକା ଦେବାର ଧାର୍ଯ୍ୟ ଲକ୍ଷ୍ୟ ଥିଲା । ଶେଷ ଖବର ସୁଦ୍ଧା ୩ ହଜାର ୪୭୪ ଜଣ କୋଭାକ୍ସିନ୍ ଟୀକା ନେଇଥିବାର ଖବର ହସ୍ତଗତ ହୋଇଛି । ଟୀକା ନେବା ପରେ ଏ ପର୍ଯ୍ୟନ୍ତ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ପ୍ରକାଶ କରିଛନ୍ତି । ପ୍ରକାଶଥାଉକି, ଗତକାଲି ଆରମ୍ଭ ହୋଇଥିବା ଏହି ଟୀକାକରଣ କାର୍ଯ୍ୟକ୍ରମରେ ୫ ହଜାର ଧାର୍ଯ୍ୟ ଲକ୍ଷ୍ୟରୁ ୩ ହଜାର ୪୨୭ ଜଣ ଟୀକା ନେଇଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ଆତଙ୍କିତ ନ ହୋଇ ଓମିକ୍ରନ ଭାରିଏଣ୍ଟରୁ ସୁରକ୍ଷିତ ରହିବାକୁ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପରାମର୍ଶ ଦେଇଛନ୍ତି । ସଠିକ୍ ଭାବେ ମାସ୍କ ପିନ୍ଧନ୍ତୁ,କୋଭିଡ ଟୀକାର ଉଭୟ ଡୋଜ୍ ନିଅନ୍ତୁ ,ନିୟମିତ ହାତ ସଫା କରନ୍ତୁ ଏବଂ ଯେ କୌଣସି ଜନ ସମାଗମରୁ ଦୁରେଇ ରହିବାକୁ ଜନସାଧାରଣଂକୁ ନିବେଦନ କରିଛନ୍ତି ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା ୧୨ ତା. ୦୪.୦୧.୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ